# ବାଲେଶ୍ୱର ଜିଲ୍ଲାରେ 'ଗୁଡ୍ ସାମାରିଟାନ' ଯୋଜନା ଫେଲ୍

ବାଲେଶ୍ୱର, ୧୧।୩ (ରୁଚିକ ରଞ୍ଜନ ମହାପାତ୍ର)




- ୩ ବର୍ଷରେ ୧୩୦୭ ସଡ଼କ ଦୁର୍ଘଟଣା
- ୨ ବର୍ଷ ମଧ୍ୟରେ ଏହି ଯୋଜନାରେ ଜଣଙ୍କୁ ବି ମିଳିନି ପୁରସ୍କାର ରାଶି
- ଜିଲ୍ଲା ମେଡିକାଲ କହୁଛି ଫର୍ମ ନାହିଁ
- ମେଡିକାଲ ଏବଂ ଆରଟିଓ ପରସ୍ପର କାଦୁଅ ଫିଙ୍ଗା

ସଡ଼କ ଦୁର୍ଘଟଣାରେ ଆହତଙ୍କୁ ଗୋଲ୍ଡେନ ଆୱାର ମଧ୍ୟରେ ହସ୍ପିଟାଲକୁ ପହଞ୍ଚାଇ ଜୀବନ ବଞ୍ଚାଇଥିବା ମାନବିକ ବ୍ୟକ୍ତିଙ୍କୁ ସମ୍ମାନ ଓ ପୁରସ୍କାର ଦେବା ପାଇଁ କେନ୍ଦ୍ର ସରକାର 'ଗୁଡ୍ ସାମାରିଟାନ ସ୍କିମ' ୨୦୧୮ ମସିହାରେ ଆରମ୍ଭ କରିଥିଲେ। ପରେ ଏହାକୁ ଆହୁରି ସକ୍ରିୟ କରିବା ପାଇଁ ୨୦୨୫ ମସିହାରେ 'ରହ-ବୀର ଯୋଜନା' ମଧ୍ୟ ଚାଲୁ କରାଗଲା। କିନ୍ତୁ ଦୁଃଖର କଥା, ଏହି ଦୁଇଟି ଯୋଜନା ବାଲେଶ୍ୱର ଜିଲ୍ଲାରେ ପ୍ରାୟ କାଗଜ କଲମରେ ସୀମିତ ରହିଯାଇଥିବା ଚକିତ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି। ଜିଲ୍ଲା ପରିବହନ ବିଭାଗର ତଥ୍ୟ ଅନୁଯାୟୀ, "ଗୁଡ୍ ସାମାରିଟାନ' ଯୋଜନାରେ ୨୦୨୧ ମସିହାରେ ୭ ଜଣ, ୨୦୨୨ରେ ୮ ଜଣ ଓ ୨୦୨୩ରେ ୫ ଜଣ ମାତ୍ର ଏହି ଯୋଜନାରେ ୨୦୦୦ ଟଙ୍କା ଲେଖାଏଁ ପୁରସ୍କୃତ ହୋଇଥିଲେ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ୨୦୨୪, ୨୦୨୫ ଓ ୨୦୨୬ ମସିହାର ବର୍ତ୍ତମାନ ସୁଦ୍ଧା ଜଣେ ମଧ୍ୟ ଏହି ଯୋଜନାର ପୁରସ୍କୃତ ହୋଇନାହାନ୍ତି। ଏହି ତଥ୍ୟ ମଧ୍ୟରେ ଆଉ ଗୋଟିଏ ଆଶ୍ଚର୍ଯ୍ୟକର ସତ୍ୟ ସମ୍ମୁଖକୁ ଆସିଛି। ବିଭାଗର ତଥ୍ୟ ଅନୁଯାୟୀ ୨୦୨୩ ରୁ ୨୦୨୫ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ମୋଟ ୧୩୦୭ଟି ସଡ଼କ ଦୁର୍ଘଟଣା ଘଟିଛି। ଏଥିରୁ ୨୦୨୩ରେ ୪୨୧, ୨୦୨୪ରେ ୪୩୨ ଓ ୨୦୨୫ରେ ୪୫୪ ଗୋଟି ସ?କ ଦୁର୍ଘଟଣା ହୋଇଛି। ଦୁର୍ଘଟଣା ଘଟିଲେ ସାଧାରଣତଃ ପରିବାର ବା ଆତ୍ମୀୟ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକମାନେ ମାନବିକତା ଦେଖାଇ ଆହତଙ୍କୁ ତୁରନ୍ତ ମେଡିକାଲକୁ ପହଞ୍ଚାଇଥାନ୍ତି। ଅନେକ ସମୟରେ ସଠିକ ସମୟରେ ମେଡିକାଲକୁ ପହଞ୍ଚିବାରୁ ଅନେକ ଜୀବନ ମଧ୍ୟ ବଞ୍ଚିଯାଉଛି। କିନ୍ତୁ ଜୀବନ ବଞ୍ଚାଇଥିବା ସେହି ମାନବିକ ବ୍ୟକ୍ତିଙ୍କୁ ଗୁଡ୍ ସାମାରିଟାନ ଯୋଜନା ଅନୁଯାୟୀ ମିଳିବାକୁ ଥିବା ୨୦୦୦ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଶାସନ ଦେଇନଥିବା ଅଭିଯୋଗ ଉଠିଛି। ଏପଟେ ୨୦୨୫ ସେପ୍ଟେମ୍ବରରେ ଆରମ୍ଭ ହୋଇଥିବା 'ରହ-ବୀର ଯୋଜନା' ମଧ୍ୟ ବାଲେଶ୍ୱରରେ ସଫଳ ହୋଇପାରିନି।

ଯୋଜନା ଅନୁଯାୟୀ, ଦୁର୍ଘଟଣା ପରେ ପ୍ରଥମ ଘଣ୍ଟା ଅର୍ଥାତ 'ଗୋଲ୍ଡେନ ଆୱାର' ମଧ୍ୟରେ ଆହତଙ୍କୁ ହସ୍ପିଟାଲ କିମ୍ବା ଟ୍ରମା କେୟାର କେନ୍ଦ୍ରକୁ ପହଞ୍ଚାଇ ଜୀବନ ବଞ୍ଚାଇଥିବା ବ୍ୟକ୍ତିଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ସହ ପ୍ରଶଂସାପତ୍ର ଦେବା ବ୍ୟବସ୍ଥା ରହିଛି। ଓଡ଼ିଶା ପରିବହନ କମିଶନରଙ୍କ କାର୍ଯ୍ୟାଳୟରୁ ୨୦୨୫ ମସିହା ଜୁଲାଇ ୧୧ ତାରିଖରେ ସମସ୍ତ ଜିଲ୍ଲାକୁ ଏହି ଯୋଜନା କାର୍ଯ୍ୟକରି କରିବାକୁ ଚିଠି ଜାରି ହୋଇଥିଲା। ତଥାପି ବାଲେଶ୍ୱର ଜିଲ୍ଲାରେ ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଯାଇନଥିବା ଭଳି ଚିତ୍ର ଦେଖିବାକୁ ମିଳିଛି। ଦୁର୍ଘଟଣା ପରେ ଆହତଙ୍କୁ ମେଡିକାଲକୁ ନେଇଥିବା ବ୍ୟକ୍ତିମାନେ ଯେତେବେଳେ ଯୋଜନା ବିଷୟରେ ପଚାରନ୍ତି, ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ 'ଆମ ପାଖରେ ଫର୍ମ ନାହିଁ' ବୋଲି କହିବା ସହ ଆରଟିଓ କାର୍ଯ୍ୟାଳୟ ଆମକୁ ଫର୍ମ ଯୋଗାଇନଥିବା କହି ଆରଟିଓଙ୍କ ଉପରେ ଦୋଷ ଦୋଷ ଲଦିଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭାଗୀୟ ଅଧିକାରୀ। ବିଭାଗ ପକ୍ଷରୁ ଚିଠି ପରେ ବାଲେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଜିଲ୍ଲା ପୋଲିସ ମୁଖ୍ୟାଳୟ ଙ୍କୁ ଚିଠି ସହ ଫର୍ମ ସମ୍ପର୍କରେ ଅବଗତ କରାଯାଇଛି। ନିୟମ ଅନୁଯାୟୀ ଚିକିତ୍ସାଧିକାରୀ ଏବଂ ପୋଲିସ ରିପୋର୍ଟ ପ୍ରସ୍ତୁତ କରି ଆଞ୍ଚଳିକ ପରିବହନ ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଥିବା ସଡ଼କ ସୁରକ୍ଷା କମିଟିକୁ ଏହି ଯୋଜନାରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ମେଡିକାଲ ଆଣିଥିବା ବ୍ୟକ୍ତିଙ୍କ ନାମ ସହ ଫର୍ମ ପଠାଯିବା ପରେ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ହେଲେ ଏହି ଯୋଜନା ଜିଲ୍ଲାରେ କାଗଜ କଲମରେ ସୀମିତ ଥିବା ବେଳେ ଜିଲ୍ଲା ପୋଲିସ କିମ୍ବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏହି ଯୋଜନାରେ ବ୍ୟକ୍ତିବିଶେଷ ଙ୍କୁ ଉତ୍ସାହିତ କରିବା ପରିବର୍ତ୍ତେ ଫର୍ମ ନାହିଁ କହି ଫେରାଇ ହେଉଥିବାର ଅଭିଯୋଗ ହେଉଛି। ଅନ୍ୟପଟେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଯୋଜନା ବିଷୟରେ ପ୍ରିଣ୍ଟ ଓ ସୋସିଆଲ ମିଡିଆ ମାଧ୍ୟମରେ ପ୍ରଚାର କରିବାକୁ କୁହାଯାଇଥିଲେ ମଧ୍ୟ ବାଲେଶ୍ୱର ଜିଲ୍ଲାରେ ଏହି ଯୋଜନାରେ ପ୍ରଚାର ପ୍ରସାର ଦିଗରେ ବିଭାଗ ଦୃଷ୍ଟି ଦେଉନଥିବାର ଅଭିଯୋଗ ହେଉଛି। ଫଳରେ ଅନେକ ସମୟରେ ଲୋକମାନେ ଦୁର୍ଘଟଣାରେ ଆହତଙ୍କୁ ସହାୟତା କରିବାରେ ମଧ୍ୟ ଭୟ କରୁଛନ୍ତି। ସଚେତନ ନାଗରିକଙ୍କ ମତ ଅନୁଯାୟୀ, ଯଦି ଯୋଜନା ସଠିକ ଭାବରେ କାର୍ଯ୍ୟକାରୀ ହୋଇଥାନ୍ତା, ତେବେ ଅଧିକ ଲୋକ ଆହତଙ୍କୁ ସହାୟତା କରିବାକୁ ଆଗକୁ ଆସିଥାନ୍ତେ। କିନ୍ତୁ ଜିଲ୍ଲା ପ୍ରଶାସନ, ପରିବହନ ବିଭାଗ, ମେଡିକାଲ କର୍ତ୍ତୃପକ୍ଷ ଓ ପୋଲିସ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁଁ ଏହି ଯୋଜନା ବାଲେଶ୍ୱରରେ ବିଫଳ ହୋଇପଡ଼ିଥିବା ଅଭିଯୋଗ ଉଠିଛି। ଏ ନେଇ ବାଲେଶ୍ୱର ସିଡ଼ିଏମଓଙ୍କ ସହ ବାରମ୍ବାର ଯୋଗାଯୋଗ ଯୋଗାଯୋଗ କରାଯାଇ ଥିଲେ ସୁଦ୍ଧା ସେ ଫୋନ ଉଠାଇ ନଥିଲେ।

## ମତାମତ



ଉଭୟ ଯୋଜନା ସମ୍ପର୍କରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି କରାଯାଇ ଜଣା ଯାଇଛି, ମେଡିକାଲରୁ ଆମ ନିକଟରୁ ଫର୍ମ ଆସୁନଥିବାରୁ ଆମେ ପୁରସ୍କୃତ କରିପାରୁନୁ। ମେଡିକାଲରେ ଫର୍ମ ନଥିବା କହି ଏହି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ମାନବିକତା ଦେଖାଇ ମେଡିକାଲ ଆଣି ଜୀବନ ବଞ୍ଚାଉଥିବା ବ୍ୟକ୍ତିଙ୍କୁ ଫେରାଇଦେବା ଠିକ ନୁହଁ, ଆମ ନିକଟକୁ ଫର୍ମ ଆସିଲେ ଆମେ କମିଟିରେ ଆଲୋଚନା କରି ବିଭାଗ ପକ୍ଷରୁ ପୁରସ୍କୃତ କରାଯିବ।

**ଶ୍ୟାମଳେନ୍ଦୁ ରାଉତ, ଆଞ୍ଚଳିକ ପରିବହନ ଅଧିକାରୀ, ବାଲେଶ୍ୱର**



ଏହି ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଏଥିରେ ସହଯୋଗ କରିବାକୁ ସମସ୍ତ ଥାନା ଅଧିକାରୀଙ୍କୁ ଜଣାଇବି। ଆଗାମୀ ଦିନରେ ଜୀବନ ବଞ୍ଚାଉଥିବା ବୀର ମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ କିଭଳି ପୁରସ୍କାର ମିଳିପାରିବ ସେ ଦିଗରେ ଧ୍ୟାନ ଦିଆଯିବ।

**ପ୍ରତ୍ୟୁଷ ଦିୱାକର, ଏସ୍‌ପି ବାଲେଶ୍ୱର**



ଉଭୟ 'ଗୁଡ୍ ସାମାରିଟାନ' ଓ "ରହ-ବୀର ଯୋଜନାରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ମେଡକାଲ ପହଁଚାଉ ଥିବା ବ୍ୟକ୍ତିଙ୍କୁ ପୁରସ୍କାର ଦିଆଯିବାର ନିୟମ ରହିଥିବା ବେଳେ ଫର୍ମ ନ ମିଳିବା ଏବଂ ଏହି ସହାୟତା ରାଶି ଉଚିତ ଲୋକଙ୍କୁ ନ ମିଳିପାରିବା ଘଟଣାରେ ବିଧିବଦ୍ଧ ତଦନ୍ତ କରି ଆରଟିଓଙ୍କ ସହ ଆଲୋଚନା ପରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ।

**ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲାପାଳ, ବାଲେଶ୍ୱର**

# ଫକୀରମୋହନ ନଗରରେ ମହିଳାଙ୍କୁ ବୀଭତ୍ସ ହତ୍ୟା

**ବାଲେଶ୍ୱର,୧୧।୩(ସମିସ):** ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଫକୀରମୋହନ ନଗରରେ ଘରଭଡା ନେଇ ଏକୁଟିଆ ରହୁଥିବା ଜଣେ ମହିଳାଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତ ମହିଳାଙ୍କ ଭାଇଙ୍କ ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରି ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ ମହିଳା ଜଣଙ୍କ ହେଲେ ବସ୍ତା ଅଞ୍ଚଳର ମମତା ଦେବନାଥ। ମମତା ବାଲେଶ୍ୱରରେ ଏକ ବିଉଟି ପାର୍ଲରରେ କାମ କରୁଥିଲେ। ସେ ଫକୀରମୋହନ ନଗର ଅଂଚଳରେ ଏକ ଘର ଭଡା ନେଇ ଏକୁଟିଆ ରହୁଥିଲେ। ଭାଇ ଅରବିନ୍ଦ ଦେବନାଥ ଭଉଣୀଙ୍କୁ ଫୋନ କରିଥିଲେ। ହେଲେ ସେ ଉଠାଇନଥିଲେ। ସନ୍ଦେହ ହେବାରୁ ସେ ପୁଲିସକୁ ଖବର ଦେଇ ସେ ରହୁଥିବା ଭଡାଘରେ ପହଁଚିଥିଲେ। ଘରେ ପହଁଚିବା ପରେ ତାଙ୍କ ରୁମର କବାଟ ଖୋଲାଥିବା ବେଳେ ତଳକୁ ମୁହଁକରି ଶୋଇଥିବା ବେଳେ ତାଙ୍କ ନିକଟରେ ରକ୍ତ ବୋହିଯାଇଥିଲା। ତେବେ ପୁଲିସ ତାଙ୍କୁ ଉଦ୍ଧାର କରିବା ପରେ ତାଙ୍କ ତଂଟିକୁ ଧାରୁଆ ଅସ୍ତ୍ରରେ କଟାଯାଇଥିବା ଦେଖିବାକୁ ମିଳିଥିଲା। ତେବେ କିଏ ଓ କାହିଁକି ମହିଳାଙ୍କୁ ହତ୍ୟା କରିଛି ସେନେଇ ତଦନ୍ତ ଚଳାଇଛି। ଘଟଣା ସ୍ଥଳରେ ପୁଲିସ ସାଇଣ୍ଟିଫିକ ଟିମ ସହ ତଦନ୍ତ ମଧ୍ୟ କରିଛି। ଶିଳ୍ପାଞ୍ଚଳ ଥାନା ଅଧିକାରୀ ରୋହିତ କୁମାର ବଳ କହିଛନ୍ତି ମହିଳାଙ୍କ ଭାଇ ଅରବିନ୍ଦ ତାଙ୍କ ଭଉଣୀକୁ କେହି ହତ୍ୟା କରିଥିବା ନେଇ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଜାରି ରଖିଛି।

# ପିକ୍‌ଅପ୍ ଧକ୍କାରେ କାର୍ ଓ ବାଇକ୍ ଚାଳକ ଆହତ

**ବାଲେଶ୍ୱର,୧୧।୩(ସମିସ):** ମଙ୍ଗଳବାର ସ୍ଥାନୀୟ ପୁଲିସ ଲାଇନ ଟ୍ରାଫିକ ପୋଷ୍ଟ ଠାରେ ସିରିଜ ଦୁର୍ଘଟଣା ଘଟିଥିଲା। ଆଜି ମଧ୍ୟ ଠିକ ସେହିପରି ଦୁର୍ଘଟଣା ଅପରାହ୍ନରେ ଘଟିଛି। ଆଇଟିଆଇ ଟ୍ରାଫିକ ସିଗନାଲ ପୋଷ୍ଟରେ ଗାଡି ଗୁଡିକ ଠିଆ ହୋଇଥିବା ବେଳେ ଏକ ପିକ ଅପ ଭେନର ନିଶାଶକ୍ତ ଡ୍ରାଇଭର ଏକ କାରକୁ ଜୋରରେ ଧକ୍କା ଦେବା ସହ ପାଖରେ ଠିଆ ହୋଇଥିବା ବାଇକ ଆରେହୀମାନଙ୍କୁ ମଧ୍ୟ ଧକ୍କା ଦେଇଛି। ଏଥିରେ କାରରେ ଥିବା ଜଣେ ଯାତ୍ରୀ ଆହତ ହୋଇଥିବା ଜଣାଯାଇଛି। ସୂଚନା ଅନୁସାରେ,ଆଜି ଅପରାହଣରେ ଆଇଟିଆଇ ଟ୍ରାଫିକ ପୋଷ୍ଟରେ ସିଗନାଲ ରେଡ ଥିଲା। ଏହି ସମୟରେ ପୁଲିସ ଲାଇନ ଛକ ଆଡୁ ଏକ ପିକଅପ ଭ୍ୟାନ ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଜୋରରେ ଆସି ସମ୍ମୁଖରେ ଠିଆ ହୋଇଥିବା ଏକ କାରକୁ ଧକ୍କା ଦେଇଥିଲା। ଏହାଛଡା ସେଠାରେ ଠିଆ ହୋଇଥିବା ଅନ୍ୟାନ୍ୟ ବାଇକ ଚାଳକଙ୍କୁ ମଧ୍ୟ ଧକ୍କା ଦେଇଥିଲା। ଯାହାଫଳରେ କାରରେ ଥିବା ଜଣେ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିବା କାରର ପଛପଟ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ବେଳେ ପିକ ଅପ ଭ୍ୟାନର ଆଗଟି ନଷ୍ଟ ହୋଇଯାଇଛି। ଘଟଣା ସ୍ଥଳରେ ଉତ୍ତେଜନା ବୃଦ୍ଧି ପାଇଥିବା ବେଳେ ପୁଲିସ ପହଁଚି ତଦନ୍ତ ଚଳାଇଛି।



# ବିଜେପିରେ ସାମିଲ ହେଲେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା

**ବାଲେଶ୍ୱର,୧୧।୩ (ସମିସ):** ବାଲେଶ୍ୱର ଜିଲ୍ଲାର ପୂର୍ବତନ ସାଂସଦ ତଥା ଜିଲ୍ଲା ବିଜୁ ଜନତା ଦଳର ପୂର୍ବତନ ସଭାପତି ରବୀନ୍ଦ୍ର କୁମାର ଜେନା ନିଜର ଶତାଧିକ ସମର୍ଥକମାନଙ୍କ ସହିତ ଆଜି ବିଧିବଦ୍ଧ ଭାବରେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲ ପୁଷ୍ପଗୁଚ୍ଛ ଏବଂ ଟୋପି ପିନ୍ଧାଇ ଶ୍ରୀ ଜେନାଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ସମୟରେ ରେମୁଣା ବିଧାୟକ ତଥା ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଭୁବନେଶ୍ୱର ମଧ୍ୟମ ବିଧାୟକ ବାବୁ ସିଂ, ବିଜେପି ରାଜ୍ୟ ଉପସଭାପତି ବିରଞ୍ଚି ତ୍ରିପାଠୀ, ସିପ୍ରା ବାଜପେୟୀ, ରାଜ୍ୟ ସମ୍ପାଦକ ସରୋଜ କର, ବିଜେପି ଯୁବନେତା ପ୍ରବୀର ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଆଜିର ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବସ୍ତା ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ବଡ଼ସାହି ବ୍ଲକ ଅଧ୍ୟକ୍ଷା ମିନତୀ ସିଂ, ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ବାଲେଶ୍ୱର ଭଦ୍ରକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ସଭାପତି ଗଣେଶ ମହାପାତ୍ର, ବାଲେଶ୍ୱର ଅର୍ବାନ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ଜିଲ୍ଲା ପରିଷଦ ସଭ୍ୟା ସୁଜାତାରାଣୀ ଦଣ୍ଡପାଟ, ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ବେଣୁଧର ଜେନା, ସଞ୍ଜୟ ସେଠୀ, ବିଜୁ ଛାତ୍ର ଜନତା ଦଳର ପୂର୍ବତନ ରାଜ୍ୟ ସଭାପତି ରଞ୍ଜିତ କୁମାର ମହାପାତ୍ର, ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ, ବରିଷ୍ଠ ବିଜେଡି ନେତା ଭାଗବତ ସାହୁ, ବାଦଲ ଦାସ, ସୁବ୍ରତ ପଣ୍ଡା, ପ୍ରଦୀପ ବିଶ୍ୱାଳ, ଲକ୍ଷ୍ମୀଧର ଦାସ, ଅଜୟ ସାମଲ, ଦେବ କୁମାର ଦେ, ଯାମିନୀକାନ୍ତ ନାୟକ, ଅନନ୍ତ ପାସା, ଇଂ ପ୍ରକାଶ ଦଳାଇ, ବିଶିକେଶନ ଧଳ, ଅନିରୁଦ୍ଧ ପ୍ରଧାନ, ଶକ୍ତିପଦ ରାୟ, ଘନଶ୍ୟାମ ଗିରି, ଅମିତ୍ ନାୟକ, ଶମ୍ଭୁ ସିଂ, ଅନିନ୍ଦ୍ୟ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ସାହୁ, ଶରତ ବେହେରା, ବିଜେଡ଼ି ନେତ୍ରୀ ରଞ୍ଜିତା ମହାପାତ୍ର, ପ୍ରୀତିଲତା ସେଠୀ, ଅଶ୍ରିତା ତରାଇ, ଯୁବ ନେତା ସିମନ ଦାସ ମହାପାତ୍ର, ଅନୁପମ ମହାନ୍ତି, ଛାତ୍ର ନେତା ଫ୍ରାନ୍ସିସ୍ ବେକନ୍ ସ, ଶୁଭମ୍ ସାଇ ମହାପାତ୍ର, ଗୌରବ କୁମାର ଦାସ, ସୁଶାନ୍ତ ବେହେରାଙ୍କ ସମେତ ବାଲେଶ୍ୱର ସଦର, ବସ୍ତା, ବାଲିଆପାଳ, ଜଳେଶ୍ୱର, ବଡ଼ସାହି, ବେତନଟୀ ବ୍ଲକର ବହୁ ସରପଞ୍ଚ, ସମିତି ସଭ୍ୟସଭ୍ୟା, ନାଏବ ସରପଞ୍ଚ ଏବଂ ପଞ୍ଚାୟତ ସଭାପତି ସମେତ ବାଲେଶ୍ୱର ଟାଉନରୁ ବହୁ କାଉନସିଲର ଓ ବହୁ ସଂଖ୍ୟାରେ ବିଜେଡି କର୍ମୀ ବିଜେପିରେ ବିଧିବଦ୍ଧ ଭାବରେ ସାମିଲ ହୋଇଥିଲେ।

**ଶତାଧିକ ସମର୍ଥକ ମାନଙ୍କ ସହିତ ବିଧିବଦ୍ଧ ଯୋଗଦାନ**

# ହୃଦ୍‌ଘାତରେ ଶିକ୍ଷାବିତଙ୍କ ପତ୍ନୀ ବିୟୋଗ

**ସୋର ୧୧।୩ (ସମିସ):** ସୋର ପୌରପାଳିକା ଅନ୍ତର୍ଗତ ଚକବାରାହାପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଅଜୟ ଚନ୍ଦ୍ର ମହାନ୍ତିଙ୍କ ଧର୍ମପତ୍ନୀ ସୁଷମା ମହାନ୍ତିଙ୍କ ହୃଦଘାତ ରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ମଙ୍ଗଳବାର ଭୋର ୫ଘଟିକା ସମୟରେ ସୁଷମା ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। କିଛି ସମୟ ପରେ ଘଟଣା ସ୍ଥଳରେ ତାଙ୍କର ବିୟୋଗ ହୋଇଥିବା ସୁଷମାଙ୍କ ସ୍ୱାମୀ ସୂଚନା ଦେଇଛନ୍ତି। ଗ୍ରାମବାସୀ, ଶୁଭେଚ୍ଛୁ ଓ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲାବେଳେ ମୁଖାଗ୍ନି ଦେଇଥିଲେ ଏକମାତ୍ର ପୁତ୍ର ଲୋହିତ ଲପଙ୍ଗ ମହାନ୍ତି।

# ଗ୍ଲୁକୋମା ଦିବସ ପାଳନ ଅବସରରେ ସଚେତନତା ସଭା

**ବାଲେଶ୍ୱର,୧୧।୩ (ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ଗ୍ଲୁକୋମା ଦିବସ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ପଦଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାତ କୁମାର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସିନେମା ଛକ ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ଉଦଯାପନ ହୋଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ୍ କେନ୍ଦ୍ରର ଅଧ୍ୟୟନ ରତ ଛାତ୍ରୀମାନେ, ମନୋଜ କୁମାର ଦାସ, ତାଲିମ୍ କେନ୍ଦ୍ରର ଟ୍ୟୁଟର ଙ୍କମାନେ ଉପସ୍ଥିତ ଥିଲେ। ସଭାପତି ଶ୍ରୀଯୁକ୍ତ ବେହେରା ତାଙ୍କ ଅଭିଭାଷଣରେ କଳାମୋତିଆର କାରଣ ଗୁଡିକ ଯଥା ବାର୍ଦ୍ଧକ୍ୟ,ସମୀପ ଦୃଷ୍ଟିଦୋଷ, ଦୀର୍ଘ ମିଆଦି ଷ୍ଟିରଏଡ ଚିକିତ୍ସା, ବଂଶଗତ, ଡାଇବେଟିସ, ଉଚ୍ଚ ରକ୍ତଚାପ ଏବଂ ଆଖିର ମାତ୍ରାଧିକ ଚାପ ଉପରେ ଗଭୀର ଆଲୋକ ପାତ କରିଥିଲେ। ଏହାର କୌଣସି ଲକ୍ଷଣ ପ୍ରକାଶ ନ ଥାଇ ଅନ୍ଧ କରିଦେଇଥାଏ।ଏଣୁ ସମସ୍ତ ୪୦ ବର୍ଷ ଉପରେ ଥିବା ଜନ ସାଧାରଣ ନିୟମିତ ଆଖି ନିକଟସ୍ଥ ଚିକିତ୍ସା କେନ୍ଦ୍ର ମାନଙ୍କରେ ପରୀକ୍ଷା କରାଇବା ଉଚିତ। ମୁଖ୍ୟ ବକ୍ତା ଭାବେ ଡ଼ାକ୍ତର ବିକାଶ ରଞ୍ଜନ ନାୟକ (ଚକ୍ଷୁ ବିଶେଷଜ୍ଞ) ଅଭିଭାଷଣରେ କହିଥିଲେ ଯେ ସମଗ୍ର ବିଶ୍ୱରେ ୭୮ କୋଟି ଲୋକ ଏହି ରୋଗରେ ଆକ୍ରାନ୍ତ ଓ ଏହା ଆରୋଗ୍ୟ ସାଧ୍ୟ ନୁହେଁ, ଏଣୁ ସମସ୍ତେ ନିୟମିତ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରିବା ଆବଶ୍ୟକ। ଶେଷରେ କଳାମୋତିଆ ବିଷୟରେ ଗୋଷ୍ଠୀ ସ୍ତରରେ ଅଧିକ ସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଡାକ୍ତର ସୁଜିତ୍ ର ମହାପାତ୍ର (ବରିଷ୍ଠ ଚକ୍ଷୁ ବିଶେଷଜ୍ଞ) ଙ୍କ ପରିଚାଳନାରେ ହୋଇଥିଲା ଓ ଶେଷରେ ପ୍ରଦୀପ ସାହୁ (ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ) ଧନ୍ୟବାଦ ଅର୍ପଣ କରିଥିଲେ।



# ବାଲେଶ୍ୱରରେ ଜ୍ଞାନଯଜ୍ଞ ପ୍ରସ୍ତୁତି ବୈଠକ

**ବାଲେଶ୍ୱର,୧୧।୩(ସମିସ):** ଚିନ୍ମୟ ମିଶନର କୁରୁଡ଼ା ସ୍ଥିତ ଆଶ୍ରମରେ ଏକ ଜରୁରୀ ବୈଠକ ଡ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମିଶନର ସାଧାରଣ ସମ୍ପାଦକ ଦିବାକର ମହାପାତ୍ର ଗଢ଼ି ଉଠିଥିବା ଚିନ୍ମୟ ମିଶନ ଆଶ୍ରମର ପ୍ରତିଷ୍ଠା ସମ୍ପର୍କରେ କହିଥିବା ବେଳେ ମିଶନର ଆଚାର୍ଯ୍ୟ ଅଗସ୍ତ୍ୟ ଚୈତନ୍ୟ ଆସନ୍ତାକାଲି ୧୨ତାରିଖରୁ ୧୬ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସ୍ୱାମିନୀ ଆତ୍ମିକା ନନ୍ଦ ସରସ୍ୱତୀ, ଆଚାର୍ଯ୍ୟା ଚିନ୍ମୟ ମିଶନ ଅନୁଗୁଳ 'ଶ୍ରୀରାମଚରିତ ମାନସ' ଉପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ଗଙ୍ଗାଧର ପୃଷ୍ଟି,ହରିଶଚନ୍ଦ୍ର ସାହୁ, ରଜନୀକାନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ରବି ନାରାୟଣ ଭୋଳ, ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ, ଉଦୟ ନାରାୟଣ ଦାସ, ଡ. ବେଣୁ ମାଧବ ଶତପଥୀ, ବିଜୟ କୁମାର ଦାସ ଅଧିକାରୀ ପ୍ରମୁଖ ସଦସ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ।

# କୁଞ୍ଜବିହାରୀ ଦାଶଙ୍କ ଜୟନ୍ତୀ

**ବାଲେଶ୍ୱର,୧୧।୩ (ସମିସ):** ଫକୀରମୋହନ ସାହିତ୍ୟ ପରିଷଦର ପ୍ରାଣ ପ୍ରତିଷ୍ଠାତା ତଥା ଲୋକ ରତ୍ନ ଡ. କୁଞ୍ଜବିହାରୀ ଦାଶଙ୍କ ୧୧୩ ତମ ଜୟନ୍ତୀ ସାହିତ୍ୟ ପରିଷଦ ପକ୍ଷରୁ କବିତୀର୍ଥ ଶାନ୍ତିକାନନଠାରେ ପାଳିତ ହୋଇଯାଇଛି। ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ପରିଷଦର ପ୍ରାକ୍ତନ ସଭାପତି ବିଶିଷ୍ଟ ଗବେଷକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଡ. ରତ୍ନାକର ସିଂହଙ୍କ ଅନୁପସ୍ଥିତିରେ ଯୁଗ୍ମ ସମ୍ପାଦକ ରାଜେଶ ଗିରି ପ୍ରାକ୍ କଥନ ରଖିଥିଲେ। ସଭାପତି ଡଃ. ପାତ୍ର ତାଙ୍କ ବକ୍ତବ୍ୟରେ ଲୋକରତ୍ନ କୁଞ୍ଜବିହାରୀ ଦାଶ ଫକୀରମୋହନ କଲେଜରେ ଅଧ୍ୟାପନା କାଳରେ ୧୯୪୮ ଫେବୃଆରୀ ୨୯ ତାରିଖରେ ଏହା ପ୍ରତିଷ୍ଠା କରିବା ସହିତ ସେହି ବର୍ଷ ଓ ତହିଁ ପରବର୍ଷ ବାଲେଶ୍ୱରରେ ପରିଷଦ ଆନୁକୂଲ୍ୟରେ ଏକ ଏକ ଜାତୀୟ ସାହିତ୍ୟ ଓ ସଙ୍ଗୀତ ସମ୍ମିଳନୀ ଆୟୋଜନ କରିବା କଥା ଉଲ୍ଲେଖ କରିଥିଲେ। ମୁଖ୍ୟ ବକ୍ତା ଡ. ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଶାନ୍ତିନିକେତନରେ କୁଞ୍ଜବିହାରୀଙ୍କ ସହ ବିତେଇଥିବା ଦିନମାନର ଅନୁଭୂତି ବର୍ଣ୍ଣନା କରିବା ସହ କୁଞ୍ଜବିହାରୀ ଓଡ଼ିଶାର ଲୋକ ସଙ୍ଗୀତ ଓ ଲୋକ କାହାଣୀକୁ ସଂଗ୍ରହ କରି ଉତ୍କଳର ବାଣୀ ଭଣ୍ଡାରକୁ କିପରି ସମୃଦ୍ଧ କରିଛନ୍ତି ସବିଶେଷ ବର୍ଣ୍ଣନା କରିଥିଲେ। ପରିଷଦ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିକାକରଣ କେନ୍ଦ୍ରରେ ଉତ୍ତେଜନା; ଏଏନ୍‌ଏମ୍‌ଙ୍କୁ ତାଲା ପକାଇଲେ

ବାଲେଶ୍ୱର,୧୧।୩ (ସମିସ)



- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଟିମ୍ ପହଞ୍ଚି କଲେ ଆଲୋଚନା
- ଆସନ୍ତା କାଲି ନୂଆ ଏଏନଏମ ନିଯୁକ୍ତି ପ୍ରତିଶ୍ରୁତି

ବାରମ୍ବାର ଶିଶୁକୁ ଠିକ୍ ଭାବେ ଟିକାକରଣ ଇଞ୍ଜେକସନ ନ ଦେବା ଏବଂ ଅଭିଭାବକଙ୍କୁ ଖରାପ ବ୍ୟବହାର କରିବା ଅଭିଯୋଗରେ ଆଜି ଜଣେ ଏଏନ୍‌ଏମ୍‌ଙ୍କୁ ଟୀକାକରଣ କେନ୍ଦ୍ରରେ ତାଲା ପକାଇ ଅଟକ ରଖିଥିଲେ ସ୍ଥାନୀୟ ଲୋକେ। ବାରମ୍ବାର ଅଭିଯୋଗ ପରେ କାର୍ଯ୍ୟରେ ଅବହେଳା କରୁଥିବା ଏଏନଏମଙ୍କୁ କାହିଁକି ବଦଳି କରାଯାଉନି ଦାବିରେ ସ୍ଥାନୀୟ ଲୋକେ ତାତିଥିଲେ। ଫଳରେ ଆଜିର ଟିକାକରଣ ପ୍ରକ୍ରିୟା ବନ୍ଦ ରହିଥିଲା। ଏପରି ଅପ୍ରୀତିକର ପରିସ୍ଥିତି ସ୍ଥାନୀୟ ୧୧ ନମ୍ବର ୱାର୍ଡର କସବା ସ୍କୁଲ ପାଖ ଅଙ୍ଗନବାଡି କେନ୍ଦ୍ର ସହରାଞ୍ଚଳ ଟୀକାକରଣ କେନ୍ଦ୍ରରେ ଦେଖିବାକୁ ମିଳିଥିଲା। ବାରମ୍ବାର ଭୁଲ ଭାବେ ଇଞ୍ଜେକସନ ଦେଉଥିବାରୁ ଶିଶୁମାନଙ୍କ ଦେହ ଖରାପ ସହ ଜଙ୍ଘ ଫୁଲି ଯାଉଥିବା ଅଭିଭାବକମାନେ ପୂର୍ବରୁ ଅଭିଯୋଗ କରିଛନ୍ତି। ଏ ନେଇ ସିଡିଏମଓଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନ ଥିବାରୁ ଆଜି ବାଧ୍ୟ ହୋଇ ଏଏନଏମ ଆରତୀ ମହାନ୍ତିଙ୍କୁ କେନ୍ଦ୍ର ପରିସରରେ ତାଲା ପକାଇ ରଖିଥିଲେ। ଅଭିଭାବକ କୌଣସି ଶିଶୁକୁ ଇଞ୍ଜେକସନ ଦିଆକରାଇନଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଟିମ୍ ଆସିବା ପରେ ଆଲୋଚନା ଆରମ୍ଭ ହୋଇଥିଲା। ବାଲେଶ୍ୱର ପୌରପାଳିକାର ୧୧ ନମ୍ବର ୱାର୍ଡର ଏଏନଏମ ଦିଦି ଆରତୀ ମହାନ୍ତି ୱାର୍ଡର ଶିଶୁମାନଙ୍କୁ ଇମ୍ୟୁନାଇଜେସନ୍ (ଟୀକାକରଣ) ଇଞ୍ଜେକ୍ସନ ଦେଉଥିଲେ। ୱାର୍ଡ ବାସିନ୍ଦା ଏନେଇ ପୂର୍ବରୁ ସିଡିଏମଓଙ୍କୁ ଲିଖିତ ଭାବେ ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଅଭିଯୋଗ ଅନୁସାରେ, ୨୦୨୫ ମସିହା ଜୁଲାଇ ମାସ ୨୩ ତାରିଖ ବୁଧବାର ଦିନ ୧୧ ସେଥିମଧ୍ୟରୁ ଦୁଇ ଶିଶୁ ଜଣେ ୪ ମାସର ଏବଂ ଅନ୍ୟ ଜଣେ ୯ ମାସର ଶିଶୁ ଇଞ୍ଜେକସନ ନେବା ପରେ ହଠାତ୍ ଶିଶୁ ଦୁଇ ଜଣଙ୍କ ଜଙ୍ଘ ଫୁଲି ଯନ୍ତ୍ରଣା ହୋଇଥିଲା। ସେହିପରି ଉକ୍ତ ବର୍ଷ ଅଗଷ୍ଟ ମାସ ୧୩ ତାରିଖ ବୁଧବାର ଦିନ ୦ ରୁ ୫ ବର୍ଷର ଶିଶୁମାନଙ୍କୁ ଇମ୍ୟୁନାଇଜେସନ୍ ଇଞ୍ଜେକସନ ଦିଆଯାଇଥିବା ବେଳେ ଦୁଇ ଶିଶୁଙ୍କ ଜଙ୍ଘ ଫୁଲି ଯାଇ ଯନ୍ତ୍ରଣା ହୋଇଥିଲା। ତନ୍ମଧ୍ୟରୁ ଜଣେ ଶିଶୁର ଅପରେସନ୍ କରାଯିବ ବୋଲି ହସ୍ପିଟାଲ ଡାକ୍ତର ପରାମର୍ଶ ଦେଇଥିଲେ। ସେମିତି ଡିସେମ୍ବର ମାସରେ ହୋଇଥିବା ବେଳେ ଜାନୁଆରୀ ମାସରେ ୪୮ ଦିନର ଜଣେ ଶିଶୁକୁ ଉକ୍ତ ଏଏନଏମ ଇଞ୍ଜେକସନ ଦେବା ଫଳରେ ଶିଶୁର ଜଙ୍ଘ ଫୁଲି ଯାଇଥିଲା। ଶିଶୁର ଏପରି ଅବସ୍ଥା ବାବଦରେ ଅଭିଭାବକମାନେ ଇଞ୍ଜେକସନ ଦେଇଥିବା ଏଏନଏମଙ୍କୁ ପଚାରିବାରୁ ସେ ସମସ୍ୟା ପ୍ରତି ଦୃଷ୍ଟି ନ ଦେଇ ଖରାପ ବ୍ୟବହାର କରିଥିଲେ। ବାଧ୍ୟହୋଇ ସମସ୍ତେ ଏପରି ସମସ୍ୟା ବିବାଦରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଭାବେ ତିନି ଥର ଅଭିଯୋଗ ଜଣାଇଛନ୍ତି। ମାତ୍ର ଏବାବଦରେ କିଛି ପଦକ୍ଷେପ ଗ୍ରହଣ କରାଗଲା ନାହିଁ କି ତାଙ୍କୁ ଅନ୍ୟତ୍ର ବଦଳି କରିଲେ ନାହିଁ। ଦୀର୍ଘ ୯ ମାସ ହେଲା ଏହି ୱାର୍ଡରେ ଅବ୍ୟବସ୍ଥାରେ ଟୀକାକରଣ ଚାଲିଛି। ସେହିପରି ଆଜି ମଧ୍ୟ କସବା ସ୍କୁଲ ପାଖ ଅଙ୍ଗନବାଡି କେନ୍ଦ୍ରରେ ସହରାଞ୍ଚଳ ଟୀକାକରଣ କେନ୍ଦ୍ରରେ ଶିଶୁମାନଙ୍କୁ ଟୀକାକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉକ୍ତ କେନ୍ଦ୍ରରେ ଏଏନ୍‌ଏମ୍ ଆରତୀ ମହାନ୍ତି ଦାୟିତ୍ୱରେ ଥିଲେ। ଫଳରେ ପୂର୍ବରୁ ହୋଇଥିବା ଘଟଣାକୁ ନେଇ ଆଜି ଅନେକ ମାଆ ଭୟରେ ନିଜ ଶିଶୁର ଟିକାକରଣ କରାଇନଥିଲେ। ଏହି ସମୟରେ ପୂର୍ବରୁ ଅଭିଯୋଗକାରୀମାନେ ଏହି ଟୀକାକରଣ କେନ୍ଦ୍ରରେ ପହଞ୍ଚି ଉକ୍ତ ଏଏନଏମଙ୍କୁ ବିରୋଧ କରିବା ସହ ଉତ୍ତେଜନା କରିଥିଲେ। ବାରମ୍ବାର ଅଭିଯୋଗ କରିବା ପରେ ପୁଣି ସେଇ ଏଏନଏମଙ୍କୁ କାହିଁକି ଏଠାରେ ଦାୟିତ୍ୱ ଦିଆଯାଉଛି କହି ଅଭିଯୋଗକାରୀ ଟୀକାକରଣ କେନ୍ଦ୍ର ଗେଟ୍‌ରେ ତାଲା ପକାଇଥିଲେ। ସିଡିଏମଓ କାର୍ଯ୍ୟାଳୟରୁ ସମସ୍ତେ ଆସି ଏଠାରେ ଏ ଏନ ଏମ୍ ଦିଦିଙ୍କୁ ବଦଳି କରିବା ନେଇ ଲିଖିତ ଭାବେ ପ୍ରତିଶ୍ରୁତି ଦେଲେ ଏଏନଏମ ଦିଦିଙ୍କୁ ଛାଡ଼ିବେ ବୋଲି ଚେତାବନୀ ଦେଇଥିଲେ। ଘଟଣା ସ୍ଥଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସିଡିଏମଓ, ଏଡିପିଏଚଓଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ। ଆଲୋଚନା ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କୁ ବୁଝାଶୁଝା କରାଯାଇଥିଲା। କସବା ସ୍କୁଲ ଅଞ୍ଚଳର ଅଭିଯୋଗକାରୀଙ୍କ ସହ ଆଲୋଚନା ପରେ ଆରତୀ ମହାନ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଉକ୍ତ ଅଞ୍ଚଳ ପାଇଁ ଆସନ୍ତା କାଲି ଜଣେ ନୂଆ ଏଏନଏମ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

## ସୋରରେ ଇଣ୍ଡେନ ଗ୍ୟାସର କୃତ୍ରିମ ଅଭାବ

ସୋର ୧୧।୩ (ସମିସ): ଆମ ଦେଶର ଜାଳେଣି ଗ୍ୟାସ ଭାରତ ବାହାରୁ ଆମଦାନୀ ହେଉଥିବା ବେଳେ, ୟୁରୋପ ଦେଶମାନଙ୍କରେ ଚାଲିଥିବା ଯୁଦ୍ଧ ଯୋଗୁଁ ଗ୍ୟାସ ଆମଦାନୀରେ ଅସ୍ଥିରତା ସୃଷ୍ଟି ହୋଇଛି। ଯେଉଁଥି ପାଇଁ ରନ୍ଧନ ଗ୍ୟାସ ଦର ବୃଦ୍ଧି ଘଟିଛି। ଏହି ସୁଯୋଗରେ ମୁନାଫାଖୋର ଗ୍ୟାସ ବ୍ୟବସାୟୀ ମାନେ କୃତ୍ରିମ ଗ୍ୟାସ ଅଭାବ ସୃଷ୍ଟି କରାଇ ମୁନାଫା କମାଇବାରେ ବ୍ୟସ୍ତ। ପ୍ରାପ୍ତ ସୂଚନା ଅନୁଯାଇ ସୋର ଉତ୍ତରଶ୍ୱରରେ ଥିବା ଇଣ୍ଡେନ ଗ୍ୟାସ ଡିଲର ଅନଲାଇନ ଗ୍ୟାସ ବୁକିଂ ସିଷ୍ଟମକୁ ଅକାମି କରାଇ ବୁକିଂ ନମ୍ବରକୁ ବିଜିରେ ପକାଇଛନ୍ତି। ଯାହା ଫଳରେ ବାଧହୋଇ ଗ୍ରାହକ ମାନେ ଗ୍ୟାସ ବୁକିଂ କରିନପାରି ଡିଲରଙ୍କ ଦୋକାନ ପାଖକୁ ଦୌଡୁଛନ୍ତି ଏବଂ ସ୍ୱାଭାବିକ ଭାବେ ବୁକିଂ ପାଇଁ ବିଳମ୍ବ ଘଟୁଛି। ତେଣୁ ଏହି କୃତ୍ରିମ ଗ୍ୟାସ କଳାବଜାରୀ ରୋକିବା ପାଇଁ ଏବଂ ଅନ ଲାଇନ ଗ୍ୟାସ ବୁକିଙ୍ଗ ପୁନଃ ପ୍ରଚଳନ କରିବା ପାଇଁ ଯୋଗାଣ ବିଭାଗ ତୁରନ୍ତ ହସ୍ତକ୍ଷେପ କରିବାକୁ ସୋର ଗ୍ରାହକ ମାନେ ଦାବି କରିଛନ୍ତି।

## ୨ ବାଇକ ଉଦ୍ଧାର, ୨ ଚୋର ଗିରଫ

ସୋର, ୧୧।୩ (ସମିସ): ସୋର ଥାନା ସମ୍ମୁଖରୁ ଏକ ବାଇକ ଚୋରି ଘଟଣାରେ ସୋର ପୁଲିସ ଦୁଇ ଜଣ ବାଇକ ଚୋରକୁ ଗିରଫ କରିଥିବା ବେଳେ ଦୁଇଟି ଚୋରି ବାଇକକୁ ଉଦ୍ଧାର କରିଛି। ଜଡିଦା ଗ୍ରାମର ମିହିର କୁମାର ପାଣିଗ୍ରାହୀ ତାଙ୍କର ବାଇକକୁ ଥାନା ସମ୍ମୁଖରେ ରଖି ଥାନାକୁ କୌଣସି କାମରେ ଯାଇଥିଲେ। କିନ୍ତୁ ଥାନାରୁ ଫେରି ସେଠାରେ ରଖିଥିବା ବାଇକକୁ ନ ପାଇ ବାଇକ ଚୋରି ହୋଇଯାଇଥିବା ନେଇ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ସିସିଟିଭି ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ପୁଲିସ ଖଇରା ଥାନା ଜଳଦା ଗ୍ରାମର ଦୀପକ ଶତପଥୀ (୨୭)କୁ ପୁଲିସ ଥାନାକୁ ଉଠାଇ ଆଣି ପଚରା ଉଚରା କରିବା ପରେ ସେ ବାଇକଟିକୁ ଚୋରି କରିଥିବା ମାନିଥିଲା। ଫଳରେ ପୁଲିସ ତା ନିକଟରୁ ବାଇକଟିକୁ ଉଦ୍ଧାର କରିଥିବା ବେଳେ ତାକୁ ଚୋରିରେ ସହଯୋଗ କରିଥିବା ସହଦେବଖୁଣ୍ଟା ଥାନା ବାଲିଆ ନୁଆସାହି ଗ୍ରାମର ତପନ ସାହୁ(୩୬)କୁ ମଧ୍ୟ ଗିରଫ କରିଥିଲେ। ତାକୁ ପଚରା ଉଚରା ପରେ ତା ଠାରୁ ପୁଲିସ ଅନ୍ୟ ଏକ ଚୋରା ବାଇକକୁ ଉଦ୍ଧାର କରିଥିଲେ। ଆଜି ଅପରାହ୍ନରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଦିବସ




ଭୋଗରାଇ, ୧୧।୩ (ସମିସ) : ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ମହତ୍ତ୍ୱପୂର୍ଣ୍ଣ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ଯୋଗ ଦେଇଥିଲେ। ଛାତ୍ରୀ ଜ୍ୟୋତି ରେଖା ଗିରି ଓ ପୂଜା ଗଙ୍ଗାଇ ନିର୍ବନ୍ଧ ପାଠ କରିଥିଲେ। ଛାତ୍ର ଗଗନ ବିହାରୀ ପଣ୍ଡା ଓ ସମୀର ପଣ୍ଡା ବେଦ ପାଠ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ବନସ୍ମିତା ନାୟକ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଛାତ୍ର ସୁବ୍ରତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍ ଧକ୍କାରେ ସାଇକଲ ଆରୋହୀ ମୃତ

ଭୋଗରାଇ,୧୧।୩(ସମିସ): ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ରାଜ୍ୟ ରାଜପଥ ଭୋଗରାଇ ବ୍ଲକ ଜୟନଗର ଛକଠାରେ ଆଜି ସନ୍ଧ୍ୟା ପ୍ରାୟ ୮.୩୦ମିନିଟ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଜଣେ ସାଇକଲ ଆରୋହୀକୁ ଏକ ମାଲବାହୀ ଟ୍ରକ ପଛରୁ ଧକ୍କା ଦେବା ଫଳରେ ଯୁବକ ଜଣକ ଗାଡ଼ିର ପଛ ଚକ ତଳେ ଚାପି ହୋଇ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଯୁବକର ଆନୁମାନିକ ବୟସ ୨୫ରୁ ୩୦ ବର୍ଷ ହୋଇଥିବା ବେଳେ ତାର ପରିଚୟ ଜଣା ପଡ଼ିନାହିଁ। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରକର ଡ୍ରାଇଭରକୁ ଭୋଗରାଇ ଥାନା ପୁଲିସ ଥାନାରେ ଅଟକ ରଖିଥିବା ସୂଚନା ମିଳିଛି। ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ମୃତ ଯୁବକର ପରିଚୟ ମିଳିପାରି ନାହିଁ।

### ବାଇଗଣବାଡିଆ ପୋଷ୍ଟ ଅଫିସରେ ଟଙ୍କା ହଡ଼ପ ଘଟଣା

## ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀଙ୍କ ପ୍ରତିବାଦ

ବାଲେଶ୍ୱର, ୧୧।୩(ସମିସ)




ଲୋକେ ବ୍ୟାଙ୍କ ହେଉ କିମ୍ବା ପୋଷ୍ଟ ଅଫିସ ଏବଂ ବିଭିନ୍ନ ସ୍ଥାନରେ ନିଜର କଷ୍ଟ ଉପାର୍ଜିତ ଟଙ୍କା ସାଇତି ରଖନ୍ତି ଏବଂ ଆବଶ୍ୟକ ବେଳେ ତାହା ଉଠାଇ ନିଜର କାର୍ଯ୍ୟରେ ବିନିଯୋଗ କରନ୍ତି। ହେଲେ ଯଦି ଲୋକମାନଙ୍କୁ ସେଇ ବ୍ୟାଙ୍କ ହେଉ କିମ୍ବା ପୋଷ୍ଟ ଅଫିସ ହେଉ ସେମାନଙ୍କୁ ଧୋକା ଦିଏ ତେବେ ଲୋକେ କାହାକୁ ବିଶ୍ୱାସ କରିବେ। ଏଭଳି ଏକ ଘଟଣା ଦେଖିବାକୁ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅର୍ନ୍ତଗତ ବାଇଗଣବାଡିଆ ପୋଷ୍ଟ ଅଫିସରେ ଦେଖିବାକୁ ମିଳିଥିଲା। ସେଠାକାର ପୋଷ୍ଟମାଷ୍ଟର ତଞ୍ଚକତା କରି ଶତାଧିକ ହିତାଧିକାରୀଙ୍କ ଠାରୁ ଟଙ୍କା ହଡ଼ପ କରି ଫେରାର ହୋଇଯାଇଛନ୍ତି। ଆଉ ହିତାଧିକାରୀମାନେ ଟଙ୍କା ପାଇବା ଆଶାରେ ଗତ ଫେବୃଆରୀ ୪ରେ ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଆଜି ପୁଣି ସେମାନେ ତାଙ୍କ ଟଙ୍କା ଫେରିପାଇବା ଆଶାରେ ଧାରଣା ଦେଇଛନ୍ତି। ଏହାଛଡା ଏବେ ଉକ୍ତ ପୋଷ୍ଟ ଅଫିସରେ ନୂତନ ପୋଷ୍ଟମାଷ୍ଟର ନିଯୁକ୍ତ ହୋଇଥିବା ବେଳେ ପୂର୍ବ ପୋଷ୍ଟମାଷ୍ଟର ହଡ଼ପ କରିଥିବା ଟଙ୍କା କିପରି ଫେରିପାଇବେ ତାହା ଏବେ ଏମାନଙ୍କୁ ଚିନ୍ତା ଘାରିଛି। ଫଳରେ ଆଜି ସେମାନେ ଏଠାରେ ଧାରଣା ଦେଇଛନ୍ତି।

ବାଇଗଣବାଡିଆ ପୋଷ୍ଟ ଅଫିସ ଉପରେ ଝାଡିପିପଳ, ବାଇଗଣବାଡିଆ, ଘଟିଆଡି, ଉଲୁଡା, ଛଟକାନପୁର, କାଳୀକାପୁର, ପାଳସାହି, କଂଟାପାଳ ଆଦି ବିଭିନ୍ନ ଗ୍ରାମର ଲୋକମାନେ ନିର୍ଭର କରନ୍ତି। ଏହାର ଦାୟିତ୍ୱରେ ଥିଲେ ବିପିଏମ ପ୍ରମିତ ରଞ୍ଜନ ଘଡାଇ। ଦୀର୍ଘ ଦିନ ହେବ ସେ ସେଠାରେ କାର୍ଯ୍ୟରତ ରହିଛନ୍ତି। ସେଇ ପୋଷ୍ଟ ଅଫିସରେ ପ୍ରାୟ୧୪ଶହ ଜଣ ହିତାଧିକାରୀଙ୍କର ଆରଡି, ଆରପିଏଲଆଇ, ସୁକନ୍ୟା ଯୋଜନା, ଫିକ୍ସ ଡିପୋଜିଟ, ମହିଳା ସମ୍ମାନ, ସଂଚୟ ଖାତା ଆଦି ଖାତା ରହିଛି। ବିଭିନ୍ନ ଯୋଜନାରେ ହିତାଧିକାରୀମାନେ ସେମାନଙ୍କର ଟଙ୍କା ଜମା ରଖନ୍ତି। ହେଲେ ସେଇ ପୋଷ୍ଟ ଅଫିସରେ ବିପିଏମ ଟଂଚକତା କରି ପାଖାପାଖି୧୨୦ରୁ ଅଧିକ ଜମାକାରୀଙ୍କ ଜମା ଟଙ୍କା ଅର୍ଥାତ ପ୍ରାୟ ଦେଢ଼ କୋଟିରୁ ଅଧିକ ଟଙ୍କା ହଡ଼ପ କରି ଦୀର୍ଘଦିନ ହେବ ଫେରାର ହୋଇଯାଇଛନ୍ତି। ଏପରିକି ଜମାକାରୀମାନେ କିଏ ଦୁଇ ଲକ୍ଷ ରଖିଥିଲେ ତ ଆଉ କିଏ ୬ଲକ୍ଷ ତ ଆଉ କିଏ ଦେଢ଼ ଲକ୍ଷ ତ ଆଉ କିଏ ତିନି ଲକ୍ଷ ଟଙ୍କା ରଖିଥିଲେ ବୋଲି ଅଭିଯୋଗକାରୀ ସମ୍ପାରାଣୀ ଓଝା, ସୁମତି ମାସନ୍ତ, ମଞ୍ଜୁଲତା ପ୍ରଧାନ, ଅଭିଳାସ ପ୍ରଧାନ, ଉପେନ୍ଦ୍ର ନନ୍ଦୀ, ରଞ୍ଜୁଲତା ପାତ୍ର,ଶାନ୍ତିଲତା ପ୍ରଧାନ ପ୍ରମୁଖଙ୍କ ସହ ଅନ୍ୟ ହତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ଦୀର୍ଘ ଏକ ମାସ ବିତିଯାଇଥିବା ବେଳେ ଡାକ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ବେଳେ ହତାଧିକାରୀମାନେ ସେମାନଙ୍କ ଟଙ୍କା ପାଇବାରୁ ବଂଚିତ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହାଛଡା ଫେରାର ହୋଇଯାଇଥିବା ବିପିଏମଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରିବର୍ତ୍ତେ ନୂତନ ବିପିଏମକୁ ଆଣି ଏଠାରେ ନିଯୁକ୍ତି ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏଣୁ ଆଜି ସେମାନେ ଧାରଣା ଦେବା ସହ ଡାକ ବିଭାଗ ସହ ଆଲୋଚନା କରିଛନ୍ତି ବୋଲି କହିଛନ୍ତି। ଅନ୍ୟପଟେ ଡାକ ଅଧିକ୍ଷକ ତାପସ କୁମାର ଦାଶଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ନୀଳଗିରି ମହିଳା ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ଦିବସ



ନୀଳଗିରି, ୧୧।୩ (ସମିସ): ଓଡିଆ ଭାଷା ଦୀର୍ଘ ୨୩୦୦ ବର୍ଷର ପୁରୁଣା ଭାଷା। ଶିଳାଲେଖ, ଅଭିଲେଖ, ତାଳପତ୍ରପୋଥି ଓଡିଆ ଭାଷାର ପ୍ରମାଣ ବହନକରେ ବୋଲି ଆଜି ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦିବସ ଅବସରରେ ଅତିଥିଗଣ ମତପ୍ରକାଶ କରିଛନ୍ତି। ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଗୃହ ବିଜ୍ଞାନର ବରିଷ୍ଠ ଅଧ୍ୟାପିକା ମମତା ବରାଳ, ଇଂରାଜୀ ବିଭାଗର ଅଧ୍ୟାପିକା ମଣିମାଳା ବିଶ୍ୱାଳ, +୨ ଓଡିଆ ବିଭାଗର ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର, ରାଜନୀତି ବିଭାଗର ଅଧ୍ୟାପିକା ମୌସୁମୀ ଭୋଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଓଡିଆ ବିଭାଗର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥି ପରିଚୟ ଓ ଉକ୍ତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ବିଭାଗର ଛାତ୍ରୀ ସୁଶ୍ରୀ ଭାର୍ଗବୀ ରାଉତ୍ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ୍ ଜ୍ଞାପନ କରିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ସୋର, ୧୧।୩ (ସମିସ): ସୋର ଥାନା କେଶରୀପୁର ଗ୍ରାମରେ କୌଣସି କଥାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ଘଟଣାରେ ସୋର ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛି। ଗତକାଲି ରାତିରେ ଏହି ଗ୍ରାମର ପ୍ରମୋଦ ସାହୁଙ୍କ ସହିତ ଗ୍ରାମର ରାକେଶ ମଲ୍ଲିକ (୩୨) ଏବଂ ତାଙ୍କ ଭାଇ କୌଣସି କଥାକୁ ନେଇ ବଚସା ହୋଇଥିଲା। ଫଳରେ ରାକେଶ ଏବଂ ତାଙ୍କ ଭାଇ ପ୍ରମୋଦଙ୍କ ମୁଣ୍ଡକୁ ଏକ ମରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ପ୍ରମୋଦ ଗୁରୁତର ଆହତ ହୋଇ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ସୋର ପୁଲିସ ଗତକାଲି ରାତିରେ ଗ୍ରାମରେ ଚଢ଼ଉ କରି ରାକେଶକୁ ଧରି ଥାନାରେ ଅଟକ ରଖିଥିଲେ। ଏ ବାବଦରେ ପ୍ରମୋଦଙ୍କ ବାପା ଗୌରହରୀ ସାହୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୨୫୧/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ରାକେଶକୁ ଗିରଫ କରିଥିଲେ। ଆଜି ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ରାକେଶର ଭାଇ ଫେରାର ଥିବା ସୂଚନା ମିଳିଛି।

## ସେନ୍‌ସର ଅକାମି; ୩୦ମିନିଟ୍ ପରେ ଉଠିଲା ରେଳ ଫାଟକ

ନୀଳଗିରି, ୧୧।୩ (ସମିସ): ନୀଳଗିରି ଗୋପିନାଥପୁର ରେଲୱେ ଷ୍ଟେସନର ଅନତି ଦୂରରେ ଥିବା ନୀଳଗିରି ମିତ୍ରପୁର ରାସ୍ତାର ଡାହାଣୀମରା ରେଲୱେ ଫାଟକରେ ଆଜି ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ବୁଧବାର ଦିନ



୧୨.୨୪ମିନିଟ୍ ସମୟରେ ବାଲେଶ୍ୱରରୁ ନିଳଗିରି ଯାତ୍ରୀବାହୀ ଟ୍ରେନ ଟି ଆସୁଥିବା ବେଳେ ଡାହାଣୀମରା ରେଳ ଫାଟକ ପଡ଼ିଥିଲା। ମାତ୍ର ଟ୍ରେନଟି ଷ୍ଟେସନରେ ପହଞ୍ଚି ଥିବାବେଳେ ରେଳ ଫାଟକର ସେନ୍ସର୍ କାମ ନ କରିବାରୁ ପ୍ରାୟ ୩୦ମିନିଟ୍ ଧରି ରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ଗାଡ଼ି ଛିଡ଼ା ହୋଇଥିଲା। କିଛି ଲୋକେ ବିରକ୍ତି ପ୍ରକାଶ କରିଥିଲେ। ପରେ ଫାଟକ କାର୍ଯ୍ୟକ୍ଷମ ହେବା ପରେ ଗେଟ୍ ଉଠିଲା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ଚନ୍ଦନେଶ୍ୱରରୁ ବାହାରିଲା ତୀର୍ଥଯାତ୍ରୀ ଗାଡ଼ି

ଚନ୍ଦନେଶ୍ୱର,୧୧।୩ (ସମିସ): ରାଜ୍ୟ ସରକାରଙ୍କ ପୁରୀ ତୀର୍ଥଯାତ୍ରା ଭ୍ରମଣ ଯୋଜନା ମାଧ୍ୟମରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ୮ ଜଣ ବୃଦ୍ଧ, ବୃଦ୍ଧାଙ୍କୁ ଆଜି ବୁଧବାର ସକାଳେ ଏକ ସ୍କର୍ପିଓରେ ବାଲେଶ୍ୱର ନିଆଯାଇଛି। ବାଲେଶ୍ୱରରୁ ଏକ ସ୍ୱତନ୍ତ୍ର ବସ ମାଧ୍ୟମରେ ସେମାନେ ପୁରୀ ସରକାରୀ ଖର୍ଚ୍ଚରେ ଯିବେ। ସେମାନଙ୍କର ରହିବା ଓ ଖାଇବା ଓ ଯାତାୟାତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ହୁଗୁଳି ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ବିଜୟ କୁମାର ବେହେରା, ପୂର୍ବତନ ସରପଞ୍ଚ ତଥା ମୌରସୀ ତପନ




କୁମାର ପଣ୍ଡା, ହୁଗୁଳି ଗ୍ରାମପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ ବିଭୁତି ପ୍ରଧାନ, ସମିତି ସଭ୍ୟ ଗୋବିନ୍ଦ ଦାସ, ୱାର୍ଡସଭ୍ୟ ବ୍ରଜ ଦାସ, ରବୀନ୍ଦ୍ର କୁମାର ସେନ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ସ୍ୱାଗତ କରିଥିଲେ।

## ମୋରମ ଟ୍ରକ ଜବତ କଲା ଖଣି ବିଭାଗ

ଔପଦା, ୧୧।୩ (ସମିସ): ଔପଦା ବ୍ଲକ ଅନ୍ତର୍ଗତ ବଡ଼ପୋଖରୀ କେନାଲ ଛକ ନିକଟରେ ମୋରମ ବୋଝେଇ ଟ୍ରକ ଜବତ ହୋଇଛି। ତ୍ରିବେଣୀ କନଷ୍ଟ୍ରକସନର ଏହି ଟ୍ରକଟିକୁ ନୀଳଗିରି ଖଣି ଅଧିକାରୀ ଚଢ଼ଉ କରି ଜବତ କରିବା ସହ ସ୍ଥାନୀୟ ପୁଲିସକୁ ଜିମା ଦେଇଛନ୍ତି। ବଡ଼ପୋଖରୀ କେନାଲ ଛକ ଦେଇ ମୁରମ ପରିବହନ ହେଉଥିବା ସମୟରେ ଖଣି ବିଭାଗ ପକ୍ଷରୁ ହଠାତ୍ ଯାଞ୍ଚ କରାଯାଇଥିଲା। ଆବଶ୍ୟକ କାଗଜପତ୍ର କିମ୍ବା ବେଆଇନ ଖନନ ଅଭିଯୋଗରେ ଅଧିକାରୀମାନେ ଉକ୍ତ ଟ୍ରକକୁ ଅଟକାଇଥିଲେ। ପରେ ଏହାକୁ ଜବତ କରାଯାଇ ତଦନ୍ତ ପାଇଁ ପୋଲିସ ହେପାଜତରେ ରଖାଯାଇଛି। ଏହି ଘଟଣାକୁ ନେଇ କେନାଲ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଭିନ୍ନ ମତ ରଖିଛନ୍ତି। ତାଙ୍କ କହିବା ଅନୁଯାୟୀ, ଉକ୍ତ ଟ୍ରକରେ ଯାଉଥିବା ମୋରମ ପରିବହନ ପାଇଁ ସମସ୍ତ ସରକାରୀ ରେକର୍ଡ ଓ କାଗଜପତ୍ର ସଠିକ୍ ରହିଛି। କୌଣସି ନିୟମ ଉଲ୍ଲଙ୍ଘନ କରାଯାଇ ନାହିଁ ବୋଲି ସେ ଦାବି କରିଛନ୍ତି। ଏହି ବିରୋଧାଭାସ ପରେ ଏବେ ଖଣି ବିଭାଗ ଓ ପୁଲିସ ପକ୍ଷରୁ କାଗଜପତ୍ରର ପୁନଃ ଯାଞ୍ଚ ଜାରି ରହିଛି।

### ତିନିଦିନ ଧରି ଚାଲିଥିବା ଗଣଧାରଣା ସମାପ୍ତ

## ଦାବିପୂରଣ ନ ହେଲେ ଏପ୍ରିଲରେ ରେଳରୋକ

ସୋର,୧୧।୩ (ସମିସ)




ଦକ୍ଷିଣ ପୂର୍ବ ରେଳ ବିଭାଗ ଅଧିକାରୀମାନଙ୍କ ଦ୍ୱାରା ସୋର ଷ୍ଟେସନ ପ୍ରତି ଅବହେଳା ବିରୋଧରେ ସୋର ନାଗରିକ ମଞ୍ଚ ଦ୍ୱାରା ଆହୁତ ତିନିଦିନିଆ ଗଣ ଧାରଣା ସଫଳତାର ସହ ସମାପ୍ତ ହୋଇଛି। ଷ୍ଟେସନ ସମ୍ମୁଖରେ ଆରମ୍ଭ ହୋଇଥିବା ଏହି ଗଣ ଧାରଣାରେ ସୋର ବ୍ୟବସାୟୀ ସଙ୍ଘ, ଆଦର୍ଶ ଯୁବପରିଷଦ, ଜାତୀୟ କଂଗ୍ରେସ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ପ୍ରଜାପିତା ବ୍ରହ୍ମ କୁମାରୀ ସଂଗଠନ ସୋର, ଜିଲ୍ଲାପରିଷଦ ସଦସ୍ୟ ଜୟରାମ ଦାଶ ତଥା ସୋର ଅଞ୍ଚଳର ବହୁ ବୁଦ୍ଧିଜୀବୀମାନେ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଖଡଗପୁର ଡିଭିଜନ ଅଧୀନରେ ଥିବା,ଏହି ସୋର ରେଳଷ୍ଟେସନ ଉପରେ ନିର୍ଭରଶୀଳ ଯାତ୍ରୀ ମାନେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ରେଳଯୋଗେ ଯାତାୟତ କରିଥାନ୍ତି। ଯେଉଁଥିପାଇଁ ସୋର ରେଳ ଷ୍ଟେସନଟି ଅମୃତ ଭାରତ ଯୋଜନାରେ ସାମିଲ ହୋଇପାରିଛି। ମାତ୍ର ଯାତ୍ରୀ ମାନଙ୍କୁ ମୌଳିକ ସୁବିଧା ପ୍ରଦାନ କ୍ଷେତ୍ରରେ ଅବହେଳା କରାଯାଉ ଥିବାରୁ ଯାତ୍ରୀମାନେ ନାହିଁନଥିବା ସମସ୍ୟାରେ ସମ୍ମୁଖିନ ହେଉଛନ୍ତି। ଏ ନେଇ ବାରମ୍ବାର ନାଗରିକ ମଞ୍ଚ ଦାବି ଗୁଡ଼ିକ ବିଭାଗୀୟ ଉଚ୍ଚ ପଦାଧିକାରୀ ମାନଙ୍କୁ ଚିଠି ମାଧ୍ୟମରେ ଉପସ୍ଥାପନ କରାଇ ଆସୁଥିବା ବେଳେ,ଅନୁରୂପ ଭାବେ ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠି ମଧ୍ୟ ଅଧିକ ଦୂରଗାମୀ ଟ୍ରେନ ରହଣି ପାଇଁ ଦାବୀ କରିଛନ୍ତି। ପ୍ରମୁଖ ଦାବିଗୁଡିକ ମଧ୍ୟରେ ବାଙ୍ଗାଲୋର,ଚେନେଇ, ତ୍ରିଭେନ୍ଦ୍ରମ, ମୁମ୍ବାଇ, ଦିଲ୍ଲୀ, ଗୌହାଟି, ପାଟନା, ସିକନ୍ଦରା ବାଦ,ଅହମଦାବାଦ ପ୍ରଭୃତି ସହରକୁ ପ୍ରଚଳନ କରୁଥିବା ସାପ୍ତାହିକ ଓ ଦୈନିକ ଟ୍ରେନର ରହଣି, ତୁରନ୍ତ ଦ୍ୱିତୀୟ ରେଳ ଉଭର ବ୍ରିଜ ନିର୍ମାଣ ଶେଷକରିବା, ବରିଷ୍ଠ ଏବଂ ଦିବ୍ୟାଙ୍ଗ ମାନଙ୍କ ପାଇଁ ଲିଫ୍ଟ ବ୍ୟବସ୍ଥା, ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ, ଦିବ୍ୟାଙ୍ଗ ମାନଙ୍କୁ ରେଳ ଟିକଟରେ ରିହାତି, ସଂରକ୍ଷିତ ବଗି ଚିହ୍ନଟ ପାଇଁ କୋଚ ଇଣ୍ଡିକେଟର ସ୍ଥାପନ, ଯାତ୍ରୀ ବିଶ୍ରାମା ଗାର, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ସୁଲଭ ଶୌଚାଳୟ ପ୍ରଭୃତି ଅପରିହାର୍ଯ୍ୟ ଦାବି ଗୁଡ଼ିକ ଅନ୍ତର୍ଭୁକ୍ତ।ଉକ୍ତ ଦାବିଗୁଡିକ ସମାଧାନ ଦିଗରେ ଖଡଗପୁର ଡିଭିଜନର ଆନ୍ତରିକତାର ଅଭାବକୁ ବିରୋଧ କରି ସୋର ନାଗରିକ ମଞ୍ଚ ପକ୍ଷରୁ ଗତ ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଗଣ ଧାରଣା ପାଇଁ ଚେତାବନୀ ଦିଆଯାଇ ଧାରଣା ଚାଲୁ ରହିଥିଲା। ଯାହାକି ଆଜି ସମାପ୍ତ ହୋଇଛି। ଆଜି ସକାଳ ସକାଳେ ୭ଟାରୁ ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ନେତୃତ୍ୱରେ ଦାମୋଦର ଦାଶମହାପାତ୍ର, ଜିତେନ୍ଦ୍ର ବେହେରା, ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ, ମାୟାଧର ନାୟକ, ପ୍ରଦୀପ କୁମାର ଦାଶ, ମନୋଜ କୁମାର ରାୟ, ପଞ୍ଚାନନ ଶିଅଳ, ରଜନୀକାନ୍ତ ପାଣିଗ୍ରହୀ, ରବୀନ୍ଦ୍ର କୁମାର ଦାସ, ପ୍ରଶାନ୍ତ କୁମାର ଦାସ, ଖଗେନ୍ଦ୍ର ପ୍ରଧାନ, ଦାମୋଦର ସାହୁ, ଇଂ ଦିବାକର ଦଳାଇ, ଶଶିକାନ୍ତ ପଣ୍ଡା, ବିଜୟ କୁମାର ଦାସ, ସୁରେନ୍ଦ୍ର ପ୍ରସାଦ ବେହେରା, ପଦ୍ମଲୋଚନ ପାତ୍ର, ସୁରେନ୍ଦ୍ର ପ୍ରସାଦ ବାରିକ, ରାଜାରାଣୀ ଜେନା, ଗୀତାରାଣୀ ଲେଙ୍କା, ନିତ୍ୟାନନ୍ଦ ପୁହାଣ, ହରିହର ଦାସ, ଅଦ୍ୱୈତ କର, ରତିରଞ୍ଜନ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ବଳରାମ ପୃଷ୍ଟି, ଶରତ ଚନ୍ଦ୍ର ମହାନ୍ତି, କଟଚନ୍ଦ୍ର ବେହେରା, ରବିନାରାୟଣ ଉପାଧ୍ୟାୟ, ରବୀନ୍ଦ୍ରଚନ୍ଦ୍ର ନନ୍ଦ, ଚିତ୍ତରଞ୍ଜନ ଦାଶ, ରବୀନ୍ଦ୍ର କୁମାର ନାୟକ, ଶ୍ରୀଧର ପ୍ରସାଦ ବିଶ୍ୱାଳ, କିଷାନ ଗୁପ୍ତା, ମିର୍ଜାମୋହିଦ ବେଗ, କମଳାକାନ୍ତ ହୋତା, ଭଗବାନ ମହାପାତ୍ର, ସନ୍ତୋଷ କୁମାର ଦିବେଦୀ, ଶ୍ରୀକାନ୍ତ ପଟ୍ଟନାୟକ ପ୍ରଭୃତି ଆନ୍ଦୋଳନକାରୀ ରେଳ ଷ୍ଟେସନ ସମ୍ମୁଖ ଧାରଣାରେ ବସିଥିଲେ। ତିନିଦିନ ଧରି ଏହି ଧାରଣା ଚାଲୁ ରହିଥିଲା। ରେଳ ବିଭାଗର ଉଚ୍ଚ ପଦାଧିକାରୀ ମାନେ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟା ଗୁଡ଼ିକ ସମାଧାନ ନକଲେ, ଆସନ୍ତା ଏପ୍ରିଲ ମାସ ପ୍ରଥମ ସପ୍ତାହରେ ରେଳରୋକ ଭଳି ଚରମ ପଦକ୍ଷେପ ନେବାକୁ ନାଗରିକ ମଞ୍ଚ ବାଧ୍ୟ ହେବବୋଲି ଆଜିର ଧାରଣା ସ୍ଥଳରେ ଘୋଷଣା କରାଯାଇଛି। ଧାରଣାକୁ ପ୍ରଦୀପ କୁମାର ଦାଶ, ମନୋଜ କୁମାର ରାୟ ପରିଚାଳନା କରିଥିଲେ।

## ମାଟିଆଳପଦାରେ ବିଶ୍ୱଶାନ୍ତି ମହାଯଜ୍ଞ

ଖଇରା,୧୧।୩ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦପୁର ଗ୍ରାମ ପଞ୍ଚାୟତ ଅଧୀନ ମାଟିଆଳପଦା ଗ୍ରାମରେ ବିଶ୍ୱାଶାନ୍ତି ତଥା ଅଷ୍ଟପ୍ରହର ନାମଯଜ୍ଞ ମଙ୍ଗଳ ଓ ବୁଧବାର ୨ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି। ଘାଉଲି ଗିରି, ନରହରି ଗିରି, ଚୈତନ୍ୟ ମହାନ୍ତି, ସୁବାସ ମହାନ୍ତି, ଦାମୋଦର ମହାନ୍ତି ଓ ମଥୁରା ମହାନ୍ତିଙ୍କ ଦ୍ୱାରା କଳସ ଅଣାଯାଇଥିଲା। ପଣ୍ଡିତ ନରସିଂହ ଶତପଥି, ସଦାଶିବ ଆଚାର୍ଯ୍ୟ, ରାଜେନ୍ଦ୍ର ଶନିବିଗ୍ରହ ଓ ଭାଗବତ ଦାଶଙ୍କ ଦ୍ୱାରା ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ସେହିଭଳି ମା' କେନ୍ଦୁରୀପଶ୍ଚିମା ଅଷ୍ଟପ୍ରହର ନାମଯଜ୍ଞକମିଟି ଆନୁକୂଲ୍ୟରେ ନାମଯଜ୍ଞର ଆୟୋଜନ କରାଯାଇଥିଲା। ମାନସ ମହାନ୍ତି, ବସନ୍ତ ଜେନା, ଦିନେଶ ଦାସ, ଭାଗିରଥି ବେହେରା, ଭରତ ମହାନ୍ତି, ଉମାକାନ୍ତ ଗିରି, ସରୋଜ ମହାନ୍ତି, ସୁଦର୍ଶନ ମହାନ୍ତି, ରାଜେନ୍ଦ୍ର ମହାନ୍ତିଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଓଡ଼ିଶା ଫଟୋଗ୍ରାଫର ସଂଘର ସ୍ମୃତିସଭା ଓ ଆର୍ଥିକ ସହାୟତା

ଖଇରା,୧୧।୩ (ସମିସ): ଖଇରା ଓ ଔପଦା ଅଞ୍ଚଳର ଜଣାଶୁଣା ଫଟୋଗ୍ରାଫର ପ୍ରାଥଞ୍ଜୟ ବାରିକଙ୍କ ବିୟୋଗରେ ଏକ ସ୍ମୃତିସଭା କୁରୁଣ୍ଟା ପଞ୍ଚାୟତ ଅଧୀନ ମରିପୁର ଖଇରା ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟ ସଂଘର ସଭାପତି ସଞ୍ଜୟ ରଥ,ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, ଖଇରା



ଔପଦା ସଂଘ ଶାଖାର ସଭାପତି ରୋହିତ କୁମାର ରାଉତ, ସମ୍ପାଦକ ରଞ୍ଜନ କୁମାର ବେହେରା ପ୍ରମୁଖ ସ୍ମୃତିସଭାରେ ଉପସ୍ଥିତ ରହି ସ୍ୱର୍ଗତ ବାରିକଙ୍କ କର୍ମନିପୁଣତା ଉପରେ ଆଲୋକପାତ କରିଥିଲେ। ପ୍ରଥମେ ତାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଶେଷରେ ରାଜ୍ୟ ତଥା ଖଇରା-ଔପଦା ସଂଘ ତରଫରୁ ମିଳିତ ଭାବେ ୪୦ହଜାର ଟଙ୍କାର ଆର୍ଥିକ ସହାୟତା ଶୋକସନ୍ତପ୍ତ ପରିବାରକୁ ପ୍ରଦାନ କରାଯାଇଥିଲା।

